# REGIONAL NEWS UNIT, AIR CUTTACK

## Morning Bulletin (7.20 AM)

**18 May - 2025**

## ଏନ୍‌ସିସି

ରାଷ୍ଟ୍ର ନିର୍ମାଣରେ ଜାତୀୟ କ୍ୟାଡେଟ ବାହିନୀ- ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଗତକାଲି ଭୁବନେଶ୍ୱର ଓୟୁଏଟି ପ୍ରେକ୍ଷାଳୟରେ ଆୟୋଜିତ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି ଏନ୍‌ସିସି ଏକ ସକ୍ରିୟ ଯୁବ ଆନ୍ଦୋଳନ ଭାବରେ ଉଭା ହୋଇଛି ଏବଂ ଏହା ଶୃଙ୍ଖଳା, ଚରିତ୍ରଗଠନ ଓ ନିଃସ୍ୱାର୍ଥପର ସେବା ମାଧ୍ୟମରେ ଦାୟିତ୍ୱବାନ ନାଗରିକ ଏବଂ ଦେଶର ଭବିଷ୍ୟତ ଗଠନ କରୁଛି ।

## ମୁଖ୍ୟମନ୍ତ୍ରୀ–ତ୍ରିରଙ୍ଗା ଯାତ୍ରା

ଅପରେସନ ସିନ୍ଦୂରର ସଫଳତା ପାଳନ ଅବସରରେ ଭୁବନେଶ୍ୱର ଲିଙ୍ଗିପୁରରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଜାତି, ଧର୍ମ ନିର୍ବିଶେଷରେ ସମସ୍ତ ଭାରତୀୟ ତ୍ରିରଙ୍ଗା ତଳେ ଏକ୍‌ଜୁଟ ହେଲେ, କୌଣସି ଶକ୍ତି ଆମ ବିରୁଦ୍ଧରେ ସଫଳ ହେବେନାହିଁ । ମୁଖ୍ୟମନ୍ତ୍ରୀ କହିଛନ୍ତି ସମସ୍ତେ ଏକାଠି ହୋଇ ମିଳିମିଶି କାର୍ଯ୍ୟକଲେ ଜୀବନର ସମସ୍ତ କଠିନ ପରିସ୍ଥିତି ଦୂର ହୋଇ ପାରିବ । ସାରା ଦେଶରେ ଗତକାଲି ଓ ଆଜି ପଞ୍ଚାୟତସ୍ତରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି ।

## ଆଇନ୍ ମନ୍ତ୍ରୀ-ସମୀକ୍ଷା

ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୟୂରଭଞ୍ଜ ଜିଲ୍ଲା ଗସ୍ତରରେ ଯାଇ ବାରିପଦା ଓ ରାଇରଙ୍ଗପୁର ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିରେ ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି । ସମୀକ୍ଷା ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବଚରଣ ମାଝି ଓ ମମତା ମହାନ୍ତ ଓ ବିଧାୟକମାନେ ଉପସ୍ଥିତ ଥିଲେ ।

## ପରାକ୍ରମ ଶୋଭାଯାତ୍ରା

ଅପରେସନ ସିନ୍ଦୂରର ସଫଳତାକୁ ନେଇ କଟକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଶୋଭାଯାତ୍ରାରେ ବିଧାୟକ, ନେତା ଓ କର୍ମୀଙ୍କ ସମେତ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ । ଢେଙ୍କାନାଳରେ ମଧ୍ୟ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୋଭାଯାତ୍ରା ଆରମ୍ଭ କରି ଭାରତୀୟ ସେନାର ସାହସ ଓ ପରାକ୍ରମକୁ ପ୍ରଶଂସା କରିଥିଲେ ।

## ମୁଖ୍ୟ ଶାସନ ସଚିବ-ବୈଠକ

ରାଜ୍ୟରେ ନୂଆ ସରକାର ଗଠନକୁ ଆସନ୍ତାମାସରେ ଏକବର୍ଷ ପୂରଣ ହେଉଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜୁନ୍ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ, ଜିଲ୍ଲା ଏବଂ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି । ଜନସଚେତନତା ସୃଷ୍ଟି ଲାଗି ତିନିଦିନ ଧରି ରାଜ୍ୟସ୍ତରରେ ସାଧାରଣ ସଭା ଓ ବିକାଶ ମେଳା ଏବଂ ଜିଲ୍ଲାସ୍ତରରେ ସଭା ଓ କାର୍ଯ୍ୟକ୍ରମ ଏବଂ ଓର୍‌ମାସ ସହଯୋଗରେ ୫ଦିନିଆ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜନତା ମଇଦାନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରୁ ଜଣାପଡିଛି ।

## ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ସାଂସ୍କୃତିକ ବିନିମୟ, ସଂସ୍କୃତିର ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ ଏବଂ ଲୋକଙ୍କ ମଧ୍ୟରେ ସହଯୋଗ ଓ ଶାନ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ସଂଗ୍ରହାଳୟ । ସଂଗ୍ରହାଳୟର ଗୁରୁତ୍ୱକୁ ଉପଲବ୍ଧି କରି ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ୧୯୭୭ ମସିହାଠାରୁ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଭାବେ ପାଳନ କରାଯାଉଛି । ମାନବ ସମାଜକୁ ଜ୍ଞାନ ଦେବାରେ ଏବଂ ପୃଥିବୀକୁ ପରିବର୍ତ୍ତନ କରିବାର ଶକ୍ତି ସଂଗ୍ରହାଳୟର ରହିଛି । ସଂଗ୍ରହାଳୟରୁ ଅତୀତ ବିଷୟରେ ଶିକ୍ଷା ମିଳିବା

ସହିତ ନୂଆ ବିଚାର ନିମନ୍ତେ ପଥ ଉନ୍ମୁକ୍ତ କରିଥାଏ । ଚଳିତ ବର୍ଷର ଅନ୍ତର୍ଜାତୀୟର ସଂଗ୍ରହାଳୟ ଦିବସର ବାର୍ତ୍ତା ରହିଛି "ଦ୍ରୁତ ପରିବର୍ତ୍ତନଶୀଳ ସଂପ୍ରଦାୟରେ ସଂଗ୍ରହାଳୟର ଭବିଷ୍ୟତ" ।

# ନାଟକ ଉଦ୍‌ଯାପିତ

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ କଳାଗ୍ରାମ କର୍ତ୍ତଙ୍ଗ ଗାଁରେ ଚାଲିଥିବା ପାରମ୍ପରିକ କୃଷ୍ଣଲୀଳା ନାଟକ ଉଦ୍‌ଯାପିତ ହୋଇଯାଇଛି । ୧୮ଦିନ ଧରି କୃଷ୍ଣଙ୍କ ଜନ୍ମଠାରୁ କଂସଙ୍କ ମୃତ୍ୟୁ ଯାଏଁ ପ୍ରସଙ୍ଗକୁ ନେଇ ନୃତ୍ୟାଭିନୟ ଲୀଳା ନାଟକ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ଅତିଥିମାନେ ୨୦୦ବର୍ଷର ଏହି ଲୀଳା ନାଟକ ଓଡ଼ିଶାର ଲୋକକଳା ପ୍ରବାହକୁ ଏହା ମାଧ୍ୟମରେ ଉଜ୍ଜୀବିତ ରଖାଯାଇଛି ବୋଲି କହିଥିଲେ ।

# ଶୀତଳ ଭଣ୍ଡାର ସ୍ଥାପନ-ପଞ୍ଜିକରଣ

ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଏପର୍ଯ୍ୟନ୍ତ ଗୋ-ସୁଗମ ପୋର୍ଟାଲରେ ୨୫ଟି ଜିଲ୍ଲାର ୮୨ଜଣ ଉଦ୍ୟୋଗୀ ପଞ୍ଜିକରଣ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ଆଲୋଚନା ହୋଇଛି । ଓଡ଼ିଶା ଶୀତଳ ଭଣ୍ଡାର ସଂଘର ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଇଚ୍ଛୁକ ଉଦ୍ୟୋଗୀଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି ।

# ସଚେତନତା ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବିଜ୍ଞପିତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ଯୋଗଦେଇ ସମୟସୀମା ମଧ୍ୟରେ ଆବେଦନ ପଞ୍ଜିକରଣ କରିବା ଲାଗି ପରାମର୍ଶ ଦେଇଛନ୍ତି ।

# ବୈଠକ

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ସମ୍ପତ୍ତି ପରିଚାଳନା ନିମନ୍ତେ ଗଠିତ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଖାରବେଳ ଭବନରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱରରେ ସୃଷ୍ଟି ହୋଇଥିବା ବ୍ୟାପକ ସମ୍ପତ୍ତିର ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଉତ୍ତମ ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା । ବିଶେଷଭାବେ ବହୁସ୍ତରୀୟ ଗାଡ଼ି ରଖିବା ସ୍ଥାନ, ରାସ୍ତା ପରିଦୃଶ୍ୟ, ଟିକସ ବଣ୍ଟନ ନୀତି ଭଳି ବିଷୟ ଉପରେ ଯୋଜନା ଓ ସହଯୋଗ ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।